# ଲେଉଟା ପ୍ରେମ

କ'ଣ ବା ଫେରାନ୍ତି ?
ଢୁଳୋଉଥିବା ରାତି ଠୁଁ ଗଜଲ
ସରିଆସୁଥିବା ଆୟୁସ ଠୁଁ ବୋତଲ
ହଜିଯାଉଥିବା ଶବ୍ଦ ଠୁଁ ମୋକ୍ଷ ।।୧

କୁଆଡେ !
ଗଛ ପିଠିରେ ସବାର
ହୋଇ ପୃଥିବୀ ଘୁମନ୍ତି
ମଲାଟ ବନ୍ଧା ସମୟର
ହିଡ ଉପରେ ମୁଣ୍ଡ ଲଦି
ଥକା ଖାଆନ୍ତି
ଠୋପ୍ ମାରିଟାକି ବସିଥିବା
ବଗକୁ ସଂକୀର୍ତ୍ତନ ଶୁଣାନ୍ତି ।।୨

କିଛି ପାରିଲିନି ବୋଲି ତ
ବାଟ ଦେଖୋଉଥିବା ପାଦକୁ
କଷ୍ଟର ଠିକଣା ଦେଲି
ହଲ୍କା ମାରୁଥିବା ସଙ୍ଗିନୀକୁ
ଉଁଆସର କଥା କହିଲି
ଉସ୍କି ଆସୁଥିବା ଗତ ରାତିମାନଙ୍କୁ
କବିତା ଶିଖେଇ ବଢେଇଲି ।।୩

ସବୁକିଛି ଦେଇ ଦେଲି
ବୋଲି ହିଁ ତ
କିଛି ଫେରେଇ ପାରିଲିନି
ଆଉ, କ'ଣ ବା ଫେରାନ୍ତି ।।।୪

ଦିଗମ୍ବର ପାତ୍ର